## ସଂକ୍ଷେପରେ

### ଟ୍ରାକ୍ଟର ଓଲଟି ଚାଳକ ମୃତ, ୬ ଆହତ

**ପାରଳାଖେମୁଣ୍ଡି,୯।୬ (ସ୍ୱ.ପ୍ର.):** ଗଜପତି ଜିଲା ରାୟଗଡ଼ ବ୍ଲକ ଅନ୍ତର୍ଗତ ବୋଲଡ଼ାଗୁମ୍ମା ଛକ ନିକଟରେ ଏକ ଟ୍ରାକ୍ଟର ଓଲଟି ପଡ଼ିବାରୁ ଚାଳକଙ୍କ ମୃତ୍ୟୁ ଘଟିବା ସହ ୬ ଜଣ ଆହତ ହୋଇଛନ୍ତି। ମୃତକ ଜଣକ ହେଲେ ବାଲଡି ଗ୍ରାମର ମଣ୍ଟୁ ପ୍ରଧାନ। ବଡପୋଡ଼ା ଗ୍ରାମରୁ ଏକ ବିଦ୍ୟୁତ୍ ଖୁଣ୍ଟ ବୋଝେଇ ହୋଇଥିବା ଟ୍ରାକ୍ଟର (ଓଆର୍୨୦-୯୨୭୨) ୬ଜଣ ଶ୍ରମିକଙ୍କୁ ନେଇ ମଣ୍ଡଳ ସାହି ଲୋବା ଯାଉଥିଲା। ମଣ୍ଡଳ ସାହି ନିକଟସ୍ଥ ବୋଲଡାଗୁମ୍ମା ଛକ ନିକଟରେ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଟ୍ରାକ୍ଟରଟି ଓଲଟିପଡିଥିଲା। ଟ୍ରାକ୍ଟର ତଳେ ଡ୍ରାଇଭର ସହ ୬ ଜଣ ଶ୍ରମିକ ଚାପିହୋଇ ରହିଯାଇଥିଲେ। ସେମାନଙ୍କୁ ଉଦ୍ଧାରକରି ୧୦୮ ଆମ୍ବୁଲାନ୍ସ ଯୋଗେ ରାମଗିରି ସ୍ୱାସ୍ଥ୍ୟକେନ୍ଦ୍ର ଅଣାଯାଇଥିଲା। କିନ୍ତୁ ସେଠାରେ ଚାଳକ ମଣ୍ଟୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଆହତ ୬ଜଣଙ୍କ ମଧ୍ୟରୁ ଜଣକୁ ବ୍ରହ୍ମପୁର ଓ ଦୁଇଜଣଙ୍କୁ ପାରଳାଖେମୁଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ମଣ୍ଟୁଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପାରଳାଖେମୁଣ୍ଡି ପଠାଯାଇଛି। ରାମଗିରି ଥାନାରେ ଏକ ମାମଲା ରୁଜୁହୋଇ ଘଟଣାର ତଦନ୍ତ ଜାରି ରହିଛି।

### ଛାତ୍ରୀଛାତ୍ରଙ୍କ ନାମଲେଖା ଆରମ୍ଭ

**ଜୟପୁର ,୯।୬(ଡି.ଏନ.ଏ.):** ରାଜ୍ୟ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ରାଜ୍ୟର ସମସ୍ତ ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜୁନ୍ ୮ ତାରିଖଠାରୁ ନାମଲେଖା ଆରମ୍ଭ ହୋଇଛି। ଜୟପୁର ବ୍ଲକରେ ମଧ ନାମଲେଖା ଆରମ୍ଭ ହୋଇଛି। ପୂର୍ବାହ୍ନ ୭ ଟାରୁ ସାଢେ ୯ଟା ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ନାମଲେଖା ହେଉଛି। ସେହିପରି ଯେଉଁ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ଛାଡ଼ିବା ସହିତ ଉଚ୍ଚଶିକ୍ଷା ଗ୍ରହଣ କରିବେ ସେମାନେ ବିଦ୍ୟାଳୟରୁ ଏସ୍‌ଏଲ୍‌ସି ନେବାକୁ ମଧ ନିର୍ଦ୍ଦେଶ ରହିଛି। ସେହିପରି ମଧାହ୍ନଭୋଜନ ଡାଲି, ତରକାରି ଏବଂ ଅଣ୍ଡା ଏବଂ ରନ୍ଧନ ନିମନ୍ତେ ଗତ ତିନି ମାସ ନିମନ୍ତେ ପ୍ରାଥମିକ ଛାତ୍ରୀଛାତ୍ରଙ୍କୁ ୪୭୯ଟଙ୍କା ୯୬ ପଇସା ଏବଂ ଉଚ୍ଚ ପ୍ରାଥମିକ ଛାତ୍ରୀଛାତ୍ରଙ୍କୁ ୭୧୭ଟଙ୍କା୧୬ ପଇସା ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କ ବ୍ୟାଙ୍କ ଜମାଖାତାରେ ପ୍ରଦାନ କରାଯିବ। ଏଥିନେଇ ଅଭିଭାବକଙ୍କ ବ୍ୟାଙ୍କ ଜମାଖାତା ଏବଂ ଆଧାରକାର୍ଡ ବିଦ୍ୟାଳୟର ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ପକ୍ଷରୁ ସଂଗ୍ରହ କରାଯାଉଛି। ପ୍ରକାଶ ଯେ, ଜୟପୁର ବ୍ଲକରେ ପ୍ରାଥମିକ ବିଦ୍ୟାଳୟର ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ୧୦,୪୭୬ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଷଷ୍ଠରୁ ଅଷ୍ଟମ ପର୍ଯ୍ୟନ୍ତ ୫,୨୯୭ ଏବଂ ପୌରସଂସ୍ଥାରେ ପ୍ରାଥମିକ ବିଦ୍ୟାଳୟରେ ୨,୮୨୯ ଏବଂ ଉଚ୍ଚ ପ୍ରାଥମିକ ୨,୦୭୪ଜଣ ଛାତ୍ରୀଛାତ୍ର ରହିଛନ୍ତି।

### ପଣସ ଗଛରୁ ପଡ଼ି ବାଳକ ଗୁରୁତର

**ଟିକିରି,୯।୬:** ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଅଧୀନ ଅଡାଯୋର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଗ୍ରାମର ବୁଡୁ ମାଝିଙ୍କ ପୁଅ ଦୟାସିଂ(୧୦) ଘର ନିକଟ ପଣସ ଗଛରୁ ପଡ଼ି ଗୁରୁତର ହୋଇଛନ୍ତି। ତାଙ୍କ ପେଟରେ ଏକ ଡାଳ ପଶିଯିବା ଫଳରେ ବୃହତ ଅନ୍ତଃନଳୀ ବାହାରକୁ ଆସିଯାଇଛି। ସଙ୍କଟାପନ୍ନ ଅବସ୍ଥାରେ ପରିବାର ଲୋକେ ତାଙ୍କୁ ପ୍ରଥମେ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ସୂଚନା ଦେଇଛନ୍ତି।

# ସରୁନି ଜଳ ପ୍ରକଳ୍ପ କାର୍ଯ୍ୟ



ଯନ୍ତ୍ରୀଙ୍କ ସହ ଆଶୀର୍ବାଦ କଲୋନିବାସୀ ଆଲୋଚନା କରୁଛନ୍ତି।

- ବିଭାଗ ମଧ୍ୟରେ ସମନ୍ୱୟ ଅଭାବ
- ବିକ୍ଷୋଭ ପାଇଁ କଲୋନିବାସୀ ଏକାଠି ବେଳେ ପହଞ୍ଚିଲେ ଯନ୍ତ୍ରୀ
- ୧୫ଦିନ ମଧ୍ୟରେ ଜଳ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଲେ

**ମାଲକାନଗିରି,୯।୬(ଡି.ଏନ୍.ଏ.)**

ମାଲକାନଗିରି ସହରବାସୀଙ୍କ ପାନୀୟ ଜଳ ସମସ୍ୟା ଦୂର ପାଇଁ ଆରମ୍ଭ ହୋଇଥିଲା ବର୍ଷେ ତଳେ ଏକ ବୃହତ୍ ଜଳ ଯୋଗାଣ ପ୍ରକଳ୍ପ। କିନ୍ତୁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ଏହି ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇପାରୁ ନାହିଁ। ଫଳରେ ସହରବାସୀ ସବୁ ସମୟରେ ଭୋଗୁଛନ୍ତି ଜଳକଷ୍ଟ। ମାଲକାନଗିରି ପୌର ପରିଷଦ ଅଞ୍ଚଳରେ ବସବାସ କରୁଥିବା ୧୯ଟି ୱାର୍ଡ ଏବଂ କର୍ମଚାରୀଙ୍କ ବାସଗୃହକୁ ଜଳ ଯୋଗାଇ ଦେବାପାଇଁ ୨୦କୋଟି ଟଙ୍କା ବ୍ୟୟରେ ଏକ ବୃହତ୍ ଜଳ ଯୋଗାଣ ପ୍ରକଳ୍ପ ଗତ ଏକବର୍ଷ ତଳେ ଆରମ୍ଭ ହୋଇଥିଲା। କିନ୍ତୁ ଜନସ୍ୱାସ୍ଥ୍ୟ ବିଭାଗ, ଜାତୀୟ ରାଜପଥ ବିଭାଗ ଏବଂ ଦୂର ସଞ୍ଚାର ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ଏହି ପ୍ରକଳ୍ପ ଅଗ୍ରଗତି ହୋଇପାରୁ ନ ଥିବା ଜଣାପଡିଛି। ସହର ମଧ୍ୟରେ ବିଭିନ୍ନ ସାହିକୁ ପାଇପ ବିଛାଇବା ସମୟରେ ଅନେକ ସ୍ଥାନରେ ଦୂର ସଞ୍ଚାର ବିଭାଗର କେବୁଲ ତାର ମାଟି ତଳୁ ଘୁଞ୍ଚାଇବା, ରାସ୍ତା ପାରହୋଇ ପାଇପ ଲାଇନ ଯିବା ସମୟରେ ଜାତୀୟ ରାଜପଥ ବିଭାଗ ଗୁରୁତ୍ୱ ନ ଦେବା ଏବଂ ଜନସ୍ୱାସ୍ଥ୍ୟ ବିଭାଗ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସମ୍ପୃକ୍ତ ଠିକାଦାରଙ୍କ ଉପରେ ଚାପ ନ ପକାଇବା ଯୋଗୁ ଏହି ଅବସ୍ଥା ସୃଷ୍ଟି ହୋଇଛି। ପ୍ରକଳ୍ପ ଶେଷ ହୋଇପାରୁ ନ ଥିବାରୁ କଲୋନିବାସୀ ପାଣି ପାଇଁ ହଇରାଣ ହେଉଛନ୍ତି। ସେଥିପାଇଁ ମଙ୍ଗଳବାର ପୌର ପରିଷଦ ଅଞ୍ଚଳର ଆଶୀର୍ବାଦ କଲୋନିର ୨୦୦ରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ବିକ୍ଷୋଭ କରିବା ପାଇଁ ଏକାଠି ହୋଇଥିଲେ। ଖବର ପାଇଁ ଜନସ୍ୱାସ୍ଥ୍ୟ ବିଭାଗର ଯନ୍ତ୍ରୀ ଗୌରବ କୁଲୁ ଘଟଣାସ୍ଥଳରେ ପହଞ୍ଚିଥିଲେ। ଲକ୍‌ଡାଉନ୍ ପାଇଁ ଏହି କାର୍ଯ୍ୟ ତିନିମାସ ଧରି ବନ୍ଦ ରହିଥିଲା। ବର୍ତ୍ତମାନ ସମ୍ପୃକ୍ତ ଠିକାଦାର କାର୍ଯ୍ୟ ଆରମ୍ଭ କରିଛନ୍ତି। ୧୫ ଦିନ ମଧ୍ୟରେ ଆଶୀର୍ବାଦ କଲୋନିରେ ପାଇପ ବିଛା କାର୍ଯ୍ୟ ସାରି ଜଳ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ୧୫ ଦିନ ପର୍ଯ୍ୟନ୍ତ ଅପେକ୍ଷା କରିବୁ ବୋଲି ବିକ୍ଷୋଭକାରୀ ଜି. ଶ୍ରୀନିବାସ ରାଓ କହିଛନ୍ତି।

## ମାଲକାନଗିରି ଜିଲାରୁ ଆଉ ଜଣେ ପଜିଟିଭ




**କୋରୁକୋଣ୍ଡା,୯।୬(ଡି.ଏନ୍.ଏ.):** ମାଲକାନଗିରି ଜିଲାରେ ସମସ୍ତ ୨୧କରୋନା ସଂକ୍ରମିତ ସୁସ୍ଥ ହେବାପରେ ପ୍ରଶାସନ ପକ୍ଷରୁ ଜିଲାକୁ କରୋନାମୁକ୍ତ ଘୋଷଣା କରାଯାଇଥିଲା। ତେବେ ମଙ୍ଗଳବାର ଜିଲାର କୋରୁକୋଣ୍ଡା ବ୍ଲକ୍‌ରୁ ପୁଣି ଜଣେ ପଜିଟିଭ ଚିହ୍ନଟ ହୋଇଛନ୍ତି। ସଂକ୍ରମିତ ବ୍ୟକ୍ତି ଜଣେ ୪୫ ବର୍ଷୀୟ ପୁରୁଷ। ସେ ସୁରଟରୁ ଫେରି ବ୍ଲକସ୍ଥିତ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସଙ୍ଗରୋଧରେ ଥିଲେ। ତାଙ୍କ ସ୍ୱାବ୍ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିଲା। ରିପୋର୍ଟ ପଜିଟିଭ ଆସିବା ପରେ ତାଙ୍କୁ କୋଭିଡ୍ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଜଣେ ପଜିଟିଭ ଚିହ୍ନଟ ହେବାପରେ ସଙ୍ଗରୋଧ କେନ୍ଦ୍ରର ୧୦୦ମିଟର ପରିଧି ଅଞ୍ଚଳକୁ ସିଲ୍ କରାଯିବା ସହ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଥିବା ଜିଲାପାଳ ମନୀଷ ଅଗ୍ରୱାଲ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଏଥିପୂର୍ବରୁ ଜିଲାରେ ୨୧ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ନୂତନ ସଂକ୍ରମିତ ଚିହ୍ନଟ ପରେ ମୋଟ ସଂଖ୍ୟା ୨୨ରେ ପହଞ୍ଚିଛି। ତେବେ ଗୋଟିଏ ମାତ୍ର ଆକ୍ଟିଭ କେସ୍ ରହିଥିବା ଜଣାପଡ଼ିଛି।

## ୨ୟ ପର୍ଯ୍ୟାୟରେ ୪ଲକ୍ଷ ୪୧ ହଜାର କ୍ୱିଣ୍ଟାଲ ଧାନ କ୍ରୟ ଲକ୍ଷ୍ୟ

**ଜୟପୁର,୯।୬(ଡି.ଏନ୍.ଏ.):** କୋରାପୁଟଜିଲାରେରବିଧାନକ୍ରୟନିମନ୍ତେ ମେ ୨୬ ତାରିଖରୁ ମଣ୍ଡି ଆରମ୍ଭ ହୋଇଛି। ଏହି ମଣ୍ଡିରେ ଧାନ କ୍ରୟବ୍ୟୟ ଜୁନ ୩୦ ତାରିଖ ପର୍ଯ୍ୟନ୍ତ କରାଯିବ। ଜିଲାରେ ମୋଟ ୬୩ଟି ମଣ୍ଡିରେ ରବିଧାନ କ୍ରୟ କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ଜିଲାରେ ୭ଲକ୍ଷ ୩୧ହଜାର କ୍ୱିଣ୍ଟାଲ ଧାନ କ୍ରୟ ନେଇ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ସେହିପରି ୨ୟ ପର୍ଯ୍ୟାୟରେ ପୁଣି ୪ଲକ୍ଷ୪୧ ହଜାର କ୍ୱିଣ୍ଟାଲ ଧାନ କ୍ରୟ ଲକ୍ଷ୍ୟ ଧାର୍ଯ୍ୟ ରହିଛି। ସମୁଦାୟ ୧୧ଲକ୍ଷ ୭୨ହଜାର କ୍ୱିଣ୍ଟାଲ ଧାନ କ୍ରୟ ନିମନ୍ତେ ସରକାରଙ୍କ ପକ୍ଷରୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଜିଲାରେ ମୋଟ ୧୧ ହଜାର ୭୨୭ ଜଣ ଚାଷୀ ଅମଳ ରବିଧାନ ମଣ୍ଡିରେ ବିକ୍ରି ନିମନ୍ତେ ପଞ୍ଜୀକରଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ମଙ୍ଗଳବାର ସୁଦ୍ଧା ୪୪୨୦ ଚାଷୀଙ୍କ ୪ଲକ୍ଷ୯୯ ହଜାର ୯୨୩ କ୍ୱିଣ୍ଟାଲ ୨୦ କିଲୋଗ୍ରାମ ଧାନ କ୍ରୟ ହୋଇଯାଇଛି। ଜିଲାର ୨୦ଟି ଲ୍ୟାମ୍ପସ ମଧ୍ୟରୁ ୧୧ଟିରେ ଏବଂ ୧୩ଟି

**୬୩ ମଣ୍ଡିରେ ଧାନ କ୍ରୟ କରାଯାଉଛି**

ମହିଳା ସ୍ୱୟଂସହାୟକ ଗ୍ରୁପ୍ ପକ୍ଷରୁ କ୍ରୟ କରାଯାଇଛି। ସେହିପରି କ୍ରୟ ସମସ୍ତ ରବି ଧାନ ବଲାଙ୍ଗୀର ଜିଲାର ୨୨ଟି ଏବଂ କୋରାପୁଟ ଜିଲାର ଗୋଟିଏ ମିଲ୍‌କୁ କଷ୍ଟମ ମିଲିଂ ନିମନ୍ତେ ପ୍ରଦାନ କରାଯାଇଛି।

## ସାପ୍ତାହିକ ହାଟ, ବଜାର ବନ୍ଦ କଲେ ସରପଞ୍ଚ

**ବିଷମକଟକ,୯।୬(ଡି.ଏନ୍.ଏ.):** ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍‌ରେ ସୋମବାର ପ୍ରଥମ କରୋନା ପଜିଟିଭ୍ ଚିହ୍ନଟ ହୋଇଛି। ଏହାକୁ ଦୃଷ୍ଟିରେ ରଖି ଚାଟିକୋଣା ସରପଞ୍ଚ ସୁକାନ୍ତି ପେରିସିକା ବୁଧବାର ବସିବାକୁ ଥିବା ସାପ୍ତାହିକ ହାଟ ଏବଂ ସମସ୍ତ ଦୋକାନ ବଜାର ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ସରପଞ୍ଚ ନିଜେ ଦୋକାନ, ବଜାର ବୁଲି ଏ ନେଇ ଲୋକଙ୍କୁ ଅବଗତ କରାଇବା ସହ ସହଯୋଗ କରିବା ପାଇଁ ଅନୁରୋଧ କରିଛନ୍ତି। ତେବେ ଔଷଧ ଦୋକାନ ଖୋଲାରହିବ ବୋଲି ଜଣାପଡ଼ିଛି। ଏ ସମୟରେ ଲୋକଙ୍କୁ ଜରୁରୀ ସେବା ଯୋଗାଇଦେବା ପାଇଁ ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଥିବା ଜଣାପଡ଼ିଛି।

## ଝିଣ୍ଟିକା ପ୍ରଜାତିର କୀଟକୁ ନେଇ ଚାଷୀ ଭୟଭୀତ

**ନବରଙ୍ଗପୁର,୯।୬(ବି.ପ୍ର.)**



କୀଟ ବସିଥିବା ଗଛକୁ ଜିଲା ମୁଖ୍ୟ କୃଷି ଅଧିକାରୀ ଦେଖୁଛନ୍ତି।

ନବରଙ୍ଗପୁର ମୁଖ୍ୟ ସହରଠାରୁ ମାତ୍ର ୨ କିଲୋମିଟର ଦୂରରେ ଥିବା ନନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ରଙ୍ଗମାଟିଗୁଡା ଅଞ୍ଚଳରେ ବିଭିନ୍ନ ଉଦ୍ଭିଦର ଡାଳପତ୍ର ଖାଉଥିବା ଏକ ଅଜଣା କୀଟକୁ ଦେଖି ଚାଷୀ ଆତଙ୍କିତ ହୋଇ ପଡିଛନ୍ତି। ନବରଙ୍ଗପୁର ସହରର ରଙ୍ଗମାଟିଗୁଡା ଅଞ୍ଚଳରେ ଥିବା ଶିବମନ୍ଦିର ନିକଟ ଏକ ଅରଖ ଗଛରେ ଡାଳପତ୍ର ଖାଉଥିବା ୧୦୦ରୁ ଉର୍ଦ୍ଧ୍ୱ ଅଜଣା କୀଟକୁ ଚାଷୀ ଦେଖିଥିଲେ। ତେବେ ଏହାକୁ ନେଇ ଚାଷୀଙ୍କ ମନରେ ପଙ୍ଗପାଳ ଭୟ ସୃଷ୍ଟି ହୋଇଛି। ଖବର ପାଇ ଜିଲା ମୁଖ୍ୟ କୃଷି ଅଧିକାରୀ ବ୍ରଜକିଶୋର ଲେଙ୍କା ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉକ୍ତ କୀଟ ଗୁଡିକୁ ପରୀକ୍ଷାନିରୀକ୍ଷା କରିବା ସହ ଚିହ୍ନଟ କରିଥିଲେ। ଏହି କୀଟଗୁଡିକ ପଙ୍ଗପାଳ ନୁହେଁ, ଝିଣ୍ଟିକା ବୋଲି କହିଥିଲେ। ବର୍ତ୍ତମାନ ସୁଦ୍ଧା ଜିଲାରେ ପଙ୍ଗପାଳ ପ୍ରବେଶ କରି ନାହାନ୍ତି। ସେଥିପାଇଁ ଚାଷୀ ଭୟଭୀତ ହେବାର ନାହିଁ ବୋଲି ପ୍ରକାଶ କରିଛନ୍ତି। ପଙ୍ଗପାଳଙ୍କୁ ନିପାତ କରିବାକୁ ଜିଲାରେ ବର୍ତ୍ତମାନ ୫୦୦ ଲିଟର କୀଟନାଶକ ରହିଥିବା ବେଳେ ଆଗାମୀ ଦିନରେ ୫ ହଜାର ଲିଟର ଅଣାଯିବ ବୋଲି ଜିଲା ମୁଖ୍ୟ କୃଷି ଅଧିକାରୀ ସୂଚନା ଦେଇଛନ୍ତି।

## ୨୧୮ କିଲୋ ଗଞ୍ଜେଇ ଜବତ, ୨ ଗିରଫ



ଗିରଫ ୨ ଅଭିଯୁକ୍ତ ସହ ଜବତ ହୋଇଥିବା ଗଞ୍ଜେଇ।

**କୋରୁକୋଣ୍ଡା,୯।୬(ଡି.ଏନ୍.ଏ.):** କାଉଡ଼ିଆ ଭାର କରି ଗଞ୍ଜେଇ ଆଣୁଥିବା ବେଳେ ମାଲକାନଗିରି ଜିଲା ଓର୍‌କେଲ ପୋଲିସ ଚଢ଼ାଉକରି ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମାଲକାନଗିରି ଥାନା ଅନ୍ତର୍ଗତ ତଣ୍ଡାପାଲି ଓ ଯଦୁଗୁଡ଼ା ଗ୍ରାମର ଶଙ୍କର କବାସୀ(୨୧), ଭୀମା କବାସୀ(୩୦)। ସେମାନଙ୍କ ନିକଟରୁ ୨୧୮ କିଲୋ ୪୦୦ ଗ୍ରାମ ଗଞ୍ଜେଇ ପୋଲିସ ଜବତ କରିଛି। ଗଞ୍ଜେଇ ଚାଲାଣ କରାଯାଉଥିବା ଖବର ପାଇ ଓର୍‌କେଲ ପୋଲିସ ସୋମବାର ରାତିରେ ତାରଲାକୋଟା ପଞ୍ଚାୟତର ରଙ୍ଗମାଟିଗୁଡା ଠାରେ ଜଗି ରହିଥିଲେ। ସେହି ସମୟରେ ୭ ଜଣ କାଉଡ଼ିଆ ଭାରରେ ଗଞ୍ଜେଇ ବୋହି ଆଣୁଥିଲେ। ତେବେ ପୋଲିସକୁ ଦେଖି ସମସ୍ତ ଚାଲାଣକାରୀ ଦୌଡି ଖସିଯିବାକୁ ଉଦ୍ୟମ କରିଥିଲେ। ପୋଲିସ ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ କାବୁ କରିଥିଲା। ସେମାନଙ୍କଠାରୁ ୧୪ଟି ବସ୍ତାରେ ୨୧୮ କିଲୋ ୪୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୪ଲକ୍ଷ ୩୬ ହଜାର ହେବ ବୋଲି ପୋଲିସ ସୂଚନା ଦେଇଛି। ତେବେ ସେମାନେ ଏହି ଗଞ୍ଜେଇ ପଦ୍ମଗିରି ଦେଇ ଛତିଶଗଡ଼କୁ ଚାଲାଣ କରୁଥିବା ଥାନାଧିକାରୀ ଜଗଦୀଶ ବାରା ସୂଚନା ଦେଇଛନ୍ତି।

## ୧୧ କ୍ୱିଣ୍ଟାଲ ଗଞ୍ଜେଇ ଜବତ, ୨ ଗିରଫ

**ବୈପାରିଗୁଡ଼ା, ୯।୬ (ଡି.ଏନ୍.ଏ.):** କୋରାପୁଟ ଜିଲା ବୈପାରିଗୁଡ଼ା ପୋଲିସ ମଙ୍ଗଳବାର ବିପୁଳ ପରିମାଣରେ ଗଞ୍ଜେଇ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ ସକାଳେ ପୋଲିସ ପାଟ୍ରୋଲିଂ କରିବା ସମୟରେ ମାଲକାନଗିରି ଜିଲାରୁ ଆସୁଥିବା ଏକ ପିକ୍‌ଅପ୍ ଭ୍ୟାନ୍‌କୁ ଅଟକାଇ ଯାଞ୍ଚ କରିଥିଲା। ସେଥିରୁ ୧୧ କୁଇଣ୍ଟାଲ ୧୮ କେଜି ୫ଶହ ଗ୍ରାମ୍ ଗଞ୍ଜେଇ ଜବତ କରାଯାଇଛି। ଏହି ମାମଲାରେ ପୋଲିସ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଚିତ୍ରକୋଣ୍ଡା ବ୍ଲକ୍ ଅଧୀନ ନାରଙ୍ଗୀଖୋଲା ଗ୍ରାମର ଗାଡ଼ି ଚାଳକ ଖାଡ଼ି ମୁଦୁଲି(୫୦) ଏବଂ ତାଙ୍କ ପୁଅ ସୁବାସ ମୁଦୁଲି(୨୫)। ଦୁହିଁଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ଅଂଶୁମାନ ଦ୍ୱିବେଦୀ ସୂଚନା ଦେଇଛନ୍ତି।

## କୋଭିଡ୍ ଚିକିତ୍ସାଳୟ ନିକଟ ଉଠାଦୋକାନୀଙ୍କୁ ଥଇଥାନ ଦାବି




ପୌର କାର୍ଯ୍ୟାଳୟକୁ ଦାବି ଜଣାଇବାକୁ ଆସିଥିବା ଉଠାଦୋକାନୀମାନେ।

**ଜୟପୁର,୯।୬(ଡି.ଏନ୍.ଏ./ନି.ପ୍ର.):** କୋରାପୁଟ ଜିଲା ଜୟପୁର କୋଭିଡ୍ ଚିକିତ୍ସାଳୟ ପାଚେରି ପାର୍ଶ୍ୱରେ ଥିବା ଉଠାଦୋକାନୀଙ୍କୁ ତୁରନ୍ତ ଉଚ୍ଛେଦ ନେଇ ପୌରସଂସ୍ଥା ପକ୍ଷରୁ ନୋଟିସ କରାଯାଇଛି। ତୁରନ୍ତ ଥଇଥାନ ବ୍ୟବସ୍ଥା କରିବାକୁ ଦାବିକରି ମଙ୍ଗଳବାର ଉଠାଦୋକାନୀମାନେ ପୌର ନିର୍ବାହୀ ଯନ୍ତ୍ରୀଙ୍କୁ ସାକ୍ଷାତ କରିଛନ୍ତି। ଉଠାଦୋକାନୀ ସଂଘର ସଭାପତି ଯୁଧିଷ୍ଠିର ରାଉଳଙ୍କ ଅଧକ୍ଷତାରେ ୩୨ଟି ଷ୍ଟଲ୍‌ର ଦୋକାନୀମାନେ ପୌର ନିର୍ବାହୀ ଅଧିକାରୀ ଆଲୋକ ରଞ୍ଜନ ସାମନ୍ତରାୟଙ୍କୁ ସାକ୍ଷାତ କରିଥିଲେ। ଦୈନିକ ବଜାରର ପୁରାତନ ଆମିଷ ବଜାରକୁ ଉଠାଦୋକାନ ଷ୍ଟଲଗୁଡିକ ସ୍ଥାନାନ୍ତରିତ କରାଯିବା ସହିତ ଉକ୍ତ ସ୍ଥାନରେ ଷ୍ଟଲ ନିର୍ମାଣ କରାଯାଇ ପ୍ରଦାନ କରିବାକୁ ଦାବି କରିଥିଲେ। କିନ୍ତୁ ପୌରନିର୍ବାହୀ ଅଧିକାରୀ ସାମନ୍ତରାୟ କହିଛନ୍ତି ଯେ, ସହରର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିବି। କେଉଁ ସ୍ଥାନକୁ ଉକ୍ତ ଷ୍ଟଲଗୁଡିକ ସ୍ଥାନାନ୍ତର କରାଯିବ ଚିହ୍ନଟ କରାଯାଇ ପ୍ରଦାନ କରାଯିବ। ଉଠାଦୋକାନୀଙ୍କ ମଧ୍ୟରେ ସମ୍ପାଦକ ପ୍ରକାଶ ନାୟକ, ମୁନା ପଟ୍ଟନାୟକ, ତାମ୍ପି ଆୟର, ଶ୍ରୀକାନ୍ତ ସାହୁ, କୁନା ବାଗ, କାଳିଆ ସାହୁ, ଶ୍ୟାମ ସୁନ୍ଦର ପଟ୍ଟନାୟକ, ଏସ୍. ବାବୁରାଓ, ନରସିଂହ ଗୌଡ଼, ପି.ଗୋପାଳ ରାଓ, ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ରଙ୍କନିଧି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଭାଜପାରୁ ବହିଷ୍କୃତ ହେଲେ ୨ ଜିଲା ପରିଷଦ ସଦସ୍ୟ

**ଗୁଣପୁର,୯।୬(ଡି.ଏନ୍.ଏ.):** ରାୟଗଡ଼ା ଜିଲା ଭାଜପାର ୨ ଜିଲା ପରିଷଦ ସଦସ୍ୟଙ୍କୁ ମଙ୍ଗଳବାର ଦଳରୁ ବହିଷ୍କାର କରାଯାଇଛି। ସେମାନେ ହେଲେ ରାମନାଗୁଡ଼ା ଏ. ଜୋନ୍‌ର ଜିଲା ପରିଷଦ ସଭ୍ୟା ପୁଷ୍ପାଞ୍ଜଳୀ ମୁଟୁକା ଏବଂ ପଦ୍ମପୁର ଏ. ଜୋନ୍‌ର ଜିଲା ପରିଷଦ ସଦସ୍ୟ ନେତ୍ରାନନ୍ଦ କୈବର୍ତ୍ତ। ଫେବୃୟାରୀ ୧୯ରେ ଜିଲା ପରିଷଦ ଅଧକ୍ଷ ଉପନିର୍ବାଚନରେ ଭୋଟଦାନରୁ ବିରତ ରହିବା ପାଇଁ ୧୮ ତାରିଖରେ ରାଜ୍ୟ ସଭାପତି ହୁଇପ୍ ଜାରି କରିଥିଲେ। ତେବେ ସେମାନେ ଦଳର ହୁଇପକୁ ଅବମାନନା କରି ଭୋଟଦାନ କରିଥିଲେ। ଏହାପରେ ଦଳ ପକ୍ଷରୁ ୨୨ ତାରିଖରେ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। କିନ୍ତୁ ସେମାନେ ଏହାର କୌଣସି ଉତ୍ତର ରଖି ନ ଥିଲେ। ଶେଷରେ ଦଳୀୟ ଶୃଙ୍ଖଳା ଭଙ୍ଗ କରିଥିବା ନେଇ ସେମାନଙ୍କୁ ବହିଷ୍କୃତ କରାଯାଇଥିବା ରାଜ୍ୟ ସଭାପତି ସମୀର ମହାନ୍ତି ଜଣାଇଥିବା ଜିଲା ସଭାପତି ଶିବ ପଟ୍ଟନାୟକ ସୂଚନା ଦେଇଛନ୍ତି।

## କୃଷି ପ୍ରକଳ୍ପ ପରିଦର୍ଶନ କଲେ ଜିଲାପାଳ

**ରାୟଗଡ଼ା ଅଫିସ, ୯।୬:** ରାୟଗଡ଼ା ଜିଲାପାଳ ପ୍ରମୋଦ କୁମାର ବେହେରା ମଙ୍ଗଳବାର ରାୟଗଡ଼ା ଏବଂ କୋଲନାରା ବ୍ଲକ୍‌ର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ ପରିଦର୍ଶନ କରଛନ୍ତି। ଦେବଦଲା ଗ୍ରାମସ୍ଥିତ ଆଦର୍ଶ ଚାଷୀଙ୍କ ଡାଏରୀ ଫାର୍ମ ଓ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ନିର୍ମିତ ଗୁହାଳ ବୁଲି ଦେଖିଥିଲେ।



ସେହିପରି କୋଲନାରା ବ୍ଲକ୍‌ର ମୁକୁନ୍ଦପୁର ଗ୍ରାମରେ ଚାଷୀ ରବୀନ୍ଦ୍ର ନାଥ ନାୟକଙ୍କ ମିଶ୍ରିତ କୃଷି ଫାର୍ମ ପରିଦର୍ଶନ କରି ଉଭୟ ମାଛ ଚାଷ, ବତକ ପାଳନ, ଗୋ-ପାଳନ ଓ ଉଦ୍ୟାନ କୃଷି କାର୍ଯ୍ୟ ପରିଦର୍ଶନ କରିଥିଲେ। ଚାଷୀମାନଙ୍କ ପ୍ରଚେଷ୍ଟାକୁ ଜିଲାପାଳ ପ୍ରଶଂସା କରିବା ସହ ଆହୁରି ଉନ୍ନତି କରିବାକୁ ପ୍ରେରିତ କରିଥିଲେ। ସେହିପରି ଚାଷୀମାନଙ୍କ ଉତ୍ପାଦିତ ଦ୍ରବ୍ୟର ବିକ୍ରି ସମସ୍ୟା ବିଷୟରେ ଜାଣିବା ପରେ ବଜାରୀକରଣ ପାଇଁ ଓର୍‌ମାସ ଓ ଉଦ୍ୟାନ ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ସ୍ଥାନୀୟ ଜେକେପୁରସ୍ଥିତ କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ସେଠାରେ କାର୍ଯ୍ୟରତ ଚିକିତ୍ସା ଅଧିକାରୀ, ସ୍ୱାସ୍ଥ୍ୟ କର୍ମୀ ଓ ଅନ୍ୟାନ୍ୟ କର୍ମଚାରୀମାନଙ୍କ ସହ ଆଲୋଚନା କରିଥିଲେ। ଏଥିସହ ଚାଲିଥିବା ନିର୍ମାଣ କାର୍ଯ୍ୟ ଅନୁଧ୍ୟାନ କରିବା ସହ କାମ ଶୀଘ୍ର ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ଗସ୍ତବେଳେ ମୁଖ୍ୟ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଦେବେନ୍ଦ୍ର ନାଥ ବିଶ୍ୱାଳ, କୋଲନରା ବିଡିଓ, ମୁକୁନ୍ଦପୁର ଏବିଡିଓ, ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ।

**ଉତ୍ପାଦିତ ଦ୍ରବ୍ୟର ବଜାର ସୁବିଧା ପାଇଁ ଦେଲେ ନିର୍ଦ୍ଦେଶ**

## ୪ ବର୍ଷ ହେଲା ସରୁନି କୁଟିଙ୍ଗଗୁଡ଼ା ପୋଲ ନିର୍ମାଣ

**ଟିକିରି,୯।୬**

ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ କୁଟିଙ୍ଗଗୁଡ଼ା ପୋଲ ନିର୍ମାଣ କାମ ୪ ବର୍ଷ ହେଲା ସରୁନି। ଅଧାପନ୍ତରିଆ ଅବସ୍ଥାରେ କାମ ପଡ଼ିରହିଛି। ତେଣୁ ଲୋକଙ୍କ ଯାତାୟାତରେ ବହୁ ଅସୁବିଧା ହେଉଛି। ବିଶେଷକରି ବର୍ଷା ଦିନ ଆସିଲେ ଏହି ରାସ୍ତାରେ କାଦୁଅ ଯୋଗୁ ଅନେକ ଲୋକ ପଡ଼ିଯାଇଥିବା ଗ୍ରାମବାସୀ କହିଛନ୍ତି। ଏ ନେଇ ବିଭାଗୀୟ ଯନ୍ତ୍ରୀ କହିଛନ୍ତି, ପୋଲର ଡିଜାଇନ ପରିବର୍ତ୍ତନ କରାଯିବା ପରେ ଏହାର ଅନୁମୋଦନ ପାଇଁ ପଠାଯାଇଛି। ଅନୁମୋଦନ ପରେ ଶୀଘ୍ର କାମ ଆରମ୍ଭ ହେବ। ପ୍ରକାଶଯୋଗ୍ୟ, ୨୦୧୬ରେ ପୂର୍ତ୍ତ ବିଭାଗ ପକ୍ଷରୁ କାଶୀପୁର ବ୍ଲକ୍ ତୋୟାପୁଟ ପଞ୍ଚାୟତ ଅଧୀନ କୁଟିଙ୍ଗଗୁଡ଼ା ନଦୀ ଉପରେ ପୋଲ ନିର୍ମାଣ କାମ ଆରମ୍ଭ ହୋଇଥିଲା। ଏଥିପାଇଁ ୩କୋଟି ୬୭ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିଲା। ବର୍ଷେ ମଧ୍ୟରେ କାମ ସାରିବା ପାଇଁ ଟେଣ୍ଡର ହୋଇଥିଲା। କିନ୍ତୁ ୪ ବର୍ଷ ପରେ ମଧ କାମ ସମ୍ପୂର୍ଣ୍ଣ ହୋଇପାରୁନି। ଅନ୍ୟପକ୍ଷରେ ନଦୀ ଉପରେ ହୋଇଥିବା ବହୁ ପୁରାତନ ପୋଲ ଦେଇ ବହୁ ଭାରିଯାନ ଯାତାୟାତ କରୁଥିବା ଯୋଗୁ ଲୋକେ ଯିବାଆସିବା କରିବାକୁ ଭୟ କରୁଥିବା କହିଛନ୍ତି। ତେଣୁ ନୂତନ ପୋଲ କାର୍ଯ୍ୟ ଶୀଘ୍ର ସାରିବାକୁ ସେମାନେ ଦାବି କରିଛନ୍ତି।



